## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଛତ୍ରପୁର, (ଡି.ଏନ.ଏ.): ଛତ୍ରପୁର ନିକଟ ଜାତୀୟ ରାଜପଥ କାଳୀ ଢାବାଠାରୁ ହୁମର ଯିବା ରାସ୍ତାରେ ଥିବା ସୁନାରି ତୋଟାରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହୀନ ନାୟକ। ହୀନଙ୍କ ଘର ସୀତାନଗର ହୋଇଥିବା ବେଳେ ବିବାହ ପରଠାରୁ ସେ ପାଳିଆ ଛତ୍ରପୁର ଗ୍ରାମରେ ରହୁଥିବା ସୂଚନା ମିଳିଛି। ସେ ଜଣେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଛତ୍ରପୁର ଥାନା ସେକେଣ୍ଡ ଅଫିସର ସତ୍ୟଜିତ ବେଶିଆଙ୍କ ସମେତ ଅନ୍ୟ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି ।

**ସଂକ୍ଷେପରେ**

## ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଆସିକା,୨୧।୧୦(ଡି.ଏନ.ଏ): ଆସିକା ସହରର ରଘୁନାଥନଗର ଛକଠାରେ ବୁଧବାର ରାତିରେ ସେହି ଗ୍ରାମର ଶିବ ଶଙ୍କର ବେହେରାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏହି ଘଟଣାରେ ଗୁରୁବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଶିବଶଙ୍କରଙ୍କ ଦାଦା ମୁରଲୀ ବେହେରା। ଗୁରୁତର ଶିବଙ୍କ ମା'ଙ୍କ ଏତଲା କ୍ରମେ ଆସିକା ପୋଲିସ ନଂ. ୬୯୫/୨୧ରେ ମାମଲା ରୁଜୁ କରିଛି। ଆକ୍ରମଣରେ ବ୍ୟବହୃତ ଖଣ୍ଡାକୁ ପୋଲିସ ଜବତ କରିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ପାରିବାରିକ କଳହରୁ ଅଭିଯୁକ୍ତ ଜଣକ ଏକ ଧାରୁଆ ଖଣ୍ଡାରେ ଆକ୍ରମଣ କରିଥିଲେ। ଗୁରୁତର ଶିବଶଙ୍କରଙ୍କୁ ପ୍ରଥମେ ଆସିକା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି ।

## ବିଦେଶୀ ମଦ ଜବତ, ୨ ଗିରଫ

ଆସିକା,୨୧।୧୦(ଡି.ଏନ.ଏ): ଆସିକା-ବ୍ରହ୍ମପୁର ୫୯ ନମ୍ବର ଜାତୀୟ ରାଜପଥର କାଳଷଣ୍ଡପୁରଠାରେ ଥିବା ୨ଟି ଢାବା ହୋଟେଲ ଉପରେ ବୁଧବାର ରାତିରେ ପୋଲିସ ଚଢ଼ାଉ କରିଥିଲା । ସେଠାରୁ ୧୫୦ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଏହି ମାମଲାରେ ପ୍ରଫୁଲ୍ଲ କୁମାର ରେଡ୍ଡୀ ଓ ପିଙ୍କୁନ ପାଢ଼ୀଙ୍କୁ ଗିରଫ କରାଯାଇଛି। ଏ ନେଇ ଆସିକା ଥାନାରେ ନଂ. ୬୮୯, ୬୯୦/୨୧ରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଛି।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ଗଞ୍ଜାମ,୨୧।୧୦(ଡି.ଏନ.ଏ.):ରମ୍ଭା ଥାନା ଖଣ୍ଡଦେଉଳି ଗ୍ରାମର ଅଭିଯୁକ୍ତ ସନ୍ତୋଷ କୁମାର ବେହେରା ଗଞ୍ଜେଇ ନେଇ ଯାଉଥିବା ବେଳେ ଗିରଫ ହୋଇଛନ୍ତି। ଗୁରୁବାର ତାଙ୍କୁ ନଂ ୪୮୭/୨୧ ରେ କୋର୍ଟ ଚାଲାଣ କରାଯାଇଛି। ସନ୍ତୋଷ ନମ୍ବର ବିହୀନ ଏକ ବାଇକ୍‌ରେ ଗଞ୍ଜେଇ ଧରି ଯାଉଥିବା ଖବର ପାଇ ହୁମା ଗଳା ଶଙ୍ଖଠାରେ ପୋଲିସ ଧରିଥିଲା। ତାଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ସନ୍ତୋଷଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ପୂର୍ବରୁ ମଧ ଅପରାଧୀ ସନ୍ତୋଷଙ୍କୁ ଧରିବାକୁ ରମ୍ଭା ପୋଲିସ ଜାଲ ବିଛେଇଥିଲା। ଏତିକି ବେଳେ ସନ୍ତୋଷ ନିଜ ଗ୍ରାମରୁ ଗଞ୍ଜେଇ ଧରି ହୁମା ଆସୁଥିବା ରମ୍ଭା ପୋଲିସ ଖବର ପାଇ ହୁମା ନିକଟସ୍ଥ ଗଳା ଶଙ୍ଖ ଠାରେ ଜଗି ରହିଥିଲା। ପୋଲିସକୁ ଦେଖି ସନ୍ତୋଷ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତ ସନ୍ତୋଷ ବହୁବାର ଜେଲ ଯାଇଥିବା ପୋଲିସ କହିଛି।

## ଛତ୍ରପୁର ଶ୍ମଶାନର ହେବ ଉନ୍ନତୀକରଣ

ଛତ୍ରପୁର, ୨୧।୧୦ (ଡି.ଏନ.ଏ.): ଛତ୍ରପୁର ସହରରେ ଥିବା ଶ୍ମଶାନର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଗୁରୁବାର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ ବୁଲି ତଦାରଖ କରିଛନ୍ତି । ଶ୍ମଶାନ ପରିସରରେ କାଠ, ଅସ୍ଥି ଭଳି ବିଭିନ୍ନ ସାମଗ୍ରୀ ସୁରକ୍ଷିତ ଭାବେ ରଖିବା ପାଇଁ ୩ଟି ରୁମ୍, ଗୋଟିଏ ଶୌଚାଳୟ ନିର୍ମାଣ କରାଯିବା ସହିତ ପରିସରକୁ ସଫା ରଖିବା ପାଇଁ କାର୍ଯ୍ୟାଦେଶ ଦେଇଥିଲେ। ଏହା ସହ ଶ୍ମଶାନ ପରିସରରେ ଆଲୋକୀକରଣ, ପାଣି ଟାଙ୍କି ଓ ସୌନ୍ଦର୍ଯ୍ୟକରଣ ଆଦି ବ୍ୟବସ୍ଥା କରିବା ପାଇଁ ମଧ ବାବୁ ପରାମର୍ଶ ଦେଇଛନ୍ତି । ପରିଦର୍ଶନ ବେଳେ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଷଡଙ୍ଗୀ ଓ ଜୋତ୍ସ୍ନାମୟୀ ଜେନା, ପୂର୍ବତନ କାଉନସିଲର ରାଜେଶ କୁମାର ସାହୁ, ଏନ. ଗିରିଧର ରାଓ ଏବଂ ମଙ୍ଗଳେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ଦାବି ନେଇ ବିଦ୍ୟୁତ୍ ଠିକା ଶ୍ରମିକ ସଂଘର ଧାରଣା

ଫୁଲବାଣୀ ଅଫିସ, ୨୧।୧୦-ଓଡ଼ିଶା ବିଦ୍ୟୁତ୍ ଠିକା ଶ୍ରମିକ ସଂଘ ଫୁଲବାଣୀ ଶାଖା ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଗୁରୁବାର ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏ ନେଇ ଏକ ଦାବିପତ୍ର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଠିକା ଶ୍ରମିକମାନଙ୍କ କହିବା ଅନୁସାରେ, ଆମେ ଭଞ୍ଜନଗର ସର୍କଲ ଅଧୀନରେ କାର୍ଯ୍ୟ କରୁଛୁ। ଯେଉଁ ଠିକାଦାରଙ୍କ ଅଧୀନରେ କାମ କରୁଛୁ ସେ ମନମୁଖି କାର୍ଯ୍ୟ କରୁଛନ୍ତି। କୁଶଳୀ ଯୋଗ୍ୟତା ହାସଲ କରିଥିବା ଶ୍ରମିକଙ୍କୁ ଅଣକୁଶଳୀ ଦରମା ଦିଆଯାଉଛି। ସୁରକ୍ଷା ସାମଗ୍ରୀ ଦିଆଯାଉନାହିଁ। କୁଶଳୀଙ୍କୁ ୧୦ ହଜାର ୬୮୪ ଓ ଅଣକୁଶଳୀଙ୍କୁ ୮୩୩୧ ଟଙ୍କା ମିଳୁଥିବା ବେଳେ ଏବେ ସେମାନଙ୍କୁ କମ୍ ଦିଆଯାଉଛି। ବ୍ରହ୍ମପୁର ସିଟି ସର୍କଲ ଠିକାଦାର ଉପଯୁକ୍ତ ପାରିଶ୍ରମିକ ଦେଉଥିବା ବେଳେ ଏଠି ପାତରଅନ୍ତର କାହିଁକି ବୋଲି ପ୍ରଶ୍ନ ଉଠାଇଛନ୍ତି। ସେହିପରି ଠିକାଦାର ଜଣକ ୩ ମାସରେ ଥରେ ଟଙ୍କା ଦେଉଛନ୍ତି। ଆମକୁ ବକେୟା ଦୁଇ ମାସର ଦରମା ଉପଯୁକ୍ତ ହିସାବରେ ଦେବା ଏବଂ ସଂଘର ଥିବା ସମସ୍ତ ସମସ୍ୟା ସମାଧାନ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି।

# ୨ ଜିଲା ଅଧିକାରୀଙ୍କ ଗଞ୍ଜାମ ବିକାଶ ମଡେଲ ପରିଦର୍ଶନ


ଗଞ୍ଜାମର ପାର୍କ ଅନୁଧ୍ୟାନ କରୁଛନ୍ତି ଢେଙ୍କାନାଳ ଟିମ୍।

ଗଞ୍ଜାମ/ଶେରଗଡ଼, ୨୧।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପିଡି ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ଗଞ୍ଜାମ ଜିଲା ଗସ୍ତ କରି ଗଞ୍ଜାମ ବ୍ଲକର ପାଳିବନ୍ଧ ପଞ୍ଚାୟତର ପ୍ରସିଦ୍ଧ ବଟେଶ୍ୱର ଶୈବପୀଠରେ ବିଭିନ୍ନ ବିକାଶମୂଳକ ମଡେଲ ଗୁଡ଼ିକର ନିର୍ମାଣ ଶୈଳୀ ଅନୁଧ୍ୟାନ କରି ଉଚ୍ଚ ପ୍ରଶଂସା କରିଥିଲେ। ଗଞ୍ଜାମ ବ୍ଲକ ବିଡିଓ ବିଶ୍ୱଜିତ ରାୟ, ଆସିଷ୍ଟାଣ୍ଟ ଇଞ୍ଜିନିୟର ବଂଶୀଧର ପରିଡ଼ା, ସ୍ଥାନୀୟ ସରପଞ୍ଚ ଦିଲିପ କୁମାର ଛୋଟରାୟ, ପରିଚାଳନା କମିଟି ଉପସଭାପତି ଶବର କୁମାର ତରାଇ ପ୍ରମୁଖଙ୍କ ସହ ପ୍ରକଳ୍ପଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିପରି ହୁମ୍ମା ପଞ୍ଚାୟତ କାର୍ଯ୍ୟାଳୟ, ଶତ୍ରୁସୋଲ କୁକୁଡ଼ା ଫାର୍ମ, ପାଣିବନ୍ଧ ମିଶନଶକ୍ତି ଗୃହ, ଜିମ ସେଣ୍ଟର ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକ ଅନୁଧ୍ୟାନ କରିଥିଲେ। ମନ୍ଦିର ପରିଚାଳନା କମିଟି ଉପସଭାପତି ଶବର କୁମାର ତରାଇଙ୍କ ସମେତ ସମ୍ପାଦକ ରଞ୍ଜିତ ପଲେଇ, ଶିକ୍ଷାବିତ ସଞ୍ଜୟ କୁମାର ତରାଇ, ତ୍ରିଲୋଚନ ପ୍ରଧାନ, ରବି ପଲେଇ, ଶିବପ୍ରସାଦ ସ୍ୱାଇଁ, ଅଜୟ ପ୍ରଧାନ, ପଦ୍ମ ଚରଣ ପଲାଇ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଟକ ଜିଲା ଅଧିକାରୀମାନେ ଶେରଗଡ ବ୍ଲକର ପିତ୍ତଳ ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି। ଉକ୍ତ ଟିମ୍‌ରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କରଙ୍କ ନେତୃତ୍ୱରେ ୪ ବ୍ଲକର ବିଡିଓ ଓ ନିର୍ବାହୀ ଯନ୍ତ୍ରୀ ସାମିଲ ଥିଲେ। ୫ ସୂତ୍ରୀ ନିୟମ ଅନୁସାରେ ଉକ୍ତ ଟିମ୍ ଶେରଗଡ଼ର ସ୍ମାର୍ଟ କ୍ଲାସ୍ ବୁଲି ଦେଖିବା ସହ ବିଦ୍ୟାଳୟର ବିଜ୍ଞାନଗାର ଓ ପିଇବା ପାଣି ପ୍ରକଳ୍ପ ଦେଖୀ ଖୁସି ପ୍ରକଟ କରି ପୂର୍ବତନ ବିଡିଓ ସୁରଞ୍ଜନ ସାହୁ ବର୍ତ୍ତମାନ ବିଡିଓ ସମ୍ଭୁନାଥ ନନ୍ଦିଙ୍କୁ ସାଧୁବାଦ ପ୍ରଦାନ କରିଥିଲେ।

# ଗଞ୍ଜାମରେ ୧୦ ଟଙ୍କିଆ, ଟଙ୍କିକିଆ ଚଳୁନି

## ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଛତ୍ରପୁର, ୨୧।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ୧୦ ଟଙ୍କିଆ ଓ ଟଙ୍କିକିଆ କଏନ କୌଣସି ଦୋକାନୀ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ନେଉନାହାନ୍ତି। ଏହାକୁ ଚାଲୁ କରିବା ନିମନ୍ତେ ଶିବ ସେନା ହୁମ୍ମା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅମିୟ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି । ଅନ୍ୟ ଜିଲା ଏବଂ ଭାରତର ଅନ୍ୟାନ୍ୟ ରାଜ୍ୟରେ ଏଗୁଡ଼ିକ ଚଳୁଥିଲେ ମଧ ଏଠାରେ ତାହା ଅଚଳ ହୋଇଛି। ଏହା ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ପ୍ରତି ଅପମାନ ବୋଲି ସେମାନେ ଏହି ଦାବିପତ୍ରରେ ଦର୍ଶାଇଛନ୍ତି। ଏଣୁ ଗଞ୍ଜାମ ଜିଲାରେ ଅଚଳ ଥିବା ଏହି ୧୦ ଟଙ୍କିଆ ଓ ଟଙ୍କିକିଆ ମୁଦ୍ରା ପ୍ରଚଳନ କରିବା ସହିତ ଅମାନ୍ୟ କରୁଥିବା ଦୋକାନବଜାରଗୁଡିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶିବ ସେନା ହୁମ୍ମା କାର୍ଯ୍ୟାଳୟ ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲା ଶିବସେନାର ସୀମାଞ୍ଚଳ ସାହୁ, ରମେଶ ଚନ୍ଦ୍ର ଦାଶ, ମିନତି ପାତ୍ର, ଯୁଧିଷ୍ଠିର ପଲାଇ, ଦ୍ରୌପଦୀ ଦାସ, ମିନତି ସ୍ୱାଇଁ, ପି. ତୁଳସେୟା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦର ପ୍ରତିବାଦ ଶୋଭାଯାତ୍ରା

ପାରଳାଖେମୁଣ୍ଡି, ୨୧।୧୦(ଡି.ଏନ୍.ଏ.)

ଗଜପତି ଜିଲା ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ପାରଳାଖେମୁଣ୍ଡି ସହରରେ ଜନ ଜାଗରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାରେ ଗୋ ହତ୍ୟା ଓ ଗୋ-ଚାଲାଣ ରୋକିବା, ଧର୍ମାନ୍ତରୀକରଣ ବନ୍ଦ କରିବା, ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା, ଲଭ ଜିହାଦ ଓ ଭୂମି ଜିହାଦ ବନ୍ଦ କରିବା ଏବଂ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣ, ହତ୍ୟା ଓ ଅତ୍ୟାଚାର ରୋକିବା ଆଦି ପ୍ରସଙ୍ଗକୁ ନେଇ ଜିଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ଆନନ୍ଦ ଜୀ ପାଣ୍ଡେ, ଅରୁଣ କୁମାର ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ସ୍ଥାନୀୟ ବିଧାୟକ କେ.ନାରାୟଣ ରାଓ, ଅନାଦି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଣୀ ଚିକିତ୍ସା ଶିବିର

ପୁରୁଷୋତ୍ତମପୁର, ୨୧।୧୦(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ପ୍ରତାପପୁର ଗ୍ରାମରେ ଆଇଏଫ୍‌ଡିସିଓ ଇଫ୍‌କୋ ପକ୍ଷରୁ ମୁକେଶ ଖାନାଙ୍କ ତତ୍ତ୍ୱାବଧାନରେ ଗୁରୁବାର ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁର ପ୍ରାଣୀ ଚିକିତ୍ସକ ମନୋଜ କୁମାର ଶତପଥୀ ଯୋଗଦେଇ ଗାଈ, ମଇଁଷି, ଛେଳି, ମେଣ୍ଢା ଆଦିଙ୍କ ଚିକିତ୍ସା କରି ମାଗଣାରେ ଔଷଧ ପ୍ରଦାନ କରିଥିଲେ। ଏଥିରେ ପୂର୍ବତନ ସରପଞ୍ଚ କାହ୍ନୁ ଚରଣ ନାୟକ, ପୂର୍ବତନ ସମିତି ସଭ୍ୟ ଗୌରିଶଙ୍କର ରାଉଳ, ପ୍ରକାଶ ଚନ୍ଦ୍ର ପଣ୍ଡା ଯୋଗଦେଇଥିବା ବେଳେ ଶିବିରକୁ ଇଫ୍‌କୋର ଗୀତାଞ୍ଜଳି ପାଟିଲ ପରିଚାଳନା କରିଥିଲେ।

# ଯୁକ୍ତ୨ ପ୍ରଥମ ବର୍ଷ ଶିକ୍ଷାଦାନ ଆରମ୍ଭ


ଉପସ୍ଥିତ ଛାତ୍ରୀ ଛାତ୍ର ।

ଭଞ୍ଜନଗର/ପୁରୁଷୋତ୍ତମପୁର, ୨୧।୧୦(ଡି.ଏନ.ଏ.)

କରୋନା କଟକଣା ମଧ୍ୟରେ ଗୁରୁବାରଠାରୁ ରାଜ୍ୟର ଯୁକ୍ତ ୨ ପ୍ରଥମ ବର୍ଷ ଶିକ୍ଷାଦାନ ଅଫ ଲାଇନ୍‌ରେ ଆରମ୍ଭ ହୋଇଛି। ଏହିଭଳି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ମଧ ଶିକ୍ଷାଦାନ ଆରମ୍ଭ ହୋଇଛି। ଏନେଇ ପ୍ରଥମେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ଡ. ପୀତବାସ ପାଳ ସଭାରେ ସଂଯୋଜନା କରିବା ସହ ସରକାରଙ୍କ ନୀତି ନିୟମ ସମ୍ପର୍କରେ କହିଥିଲେ। କଳା ଛାତ୍ରୀଛାତ୍ରଙ୍କ ସ୍ୱାଗତ ସଭାରେ ପ୍ରାଧ୍ୟାପକ ସାତ୍ୟକୀ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ବଦ୍ରିନାରାୟଣ ପାତ୍ର, ରବୀନ୍ଦ୍ର ନାଥ ପାଳ, ବଟୁକେସର ବାରିକ, ଅଧ୍ୟାପିକା ତୃପ୍ତିମୟୀ ଦାସ ଓ ମନ୍ଦାକିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସଭାରେ ଅଧାପକ ହରମୋହନ ନାୟକ ସଂଯୋଜନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ବିଭୂତି ଭୂଷଣ ପାଣିଗ୍ରାହୀ, ଅଧାପକ ସୁନୀଲ ଦାସ, ଲ୍ୟୁଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ହରିଶ ଭଞ୍ଜ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ପୁରୁଷୋତ୍ତମପୁର ତାରାତାରିଣୀ କଲେଜରେ ଗୁରୁବାର ଯୁକ୍ତ ୨ ପାଠପଢା ଆରମ୍ଭ ହୋଇଛି। ଏହି ଅବସରରେ ଅଧକ୍ଷ ସୀମାଞ୍ଚଳ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଶ୍ରେଣୀ ଗୃହକୁ ପାଛୋଟି ନେଇଥିଲେ। ପ୍ରଥମ ଦିନରେ କଳା ଓ ବିଜ୍ଞାନରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହାକୁ ଅଧାପିକା ଡ. ଗାୟତ୍ରୀ ଦାଶ, ହରପ୍ରିୟା ନାୟକ, ଅଧାପକ ଡ. ପ୍ରଦୀପ କୁମାର ସାହୁ, ଏନ୍ ମୋହନ, ବିପ୍ଳବ ରଞ୍ଜନ ପ୍ରମୁଖ ପରିଚାଳନା କରିଥିଲେ।

# ସହାୟତା ପାଇ ଭଲ ହେଲେ କର୍କଟ ରୋଗୀ

## ମାନବିକତା ଦେଖାଇଲେ ଧରାକୋଟ ଭାଜପା ନେତା

ଧରାକୋଟ,୨୧।୧୦(ଡି.ଏନ୍.ଏ.)

ଧରାକୋଟ ବ୍ଲକ ସିଙ୍ଗିପୁର ଗ୍ରାମର ପ୍ରତାପ ପାତ୍ରଙ୍କ ପୁଅ ଅଶୋକ ଗତ କିଛି ମାସ ତଳେ ମୁଖ କର୍କଟ ରୋଗରେ ପୀଡିତ ଥିଲେ। ଲକଡାଉନ ଥିବାରୁ ସେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ହେଉଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଅପରେଶନ କରିବା ପାଇଁ କହିଥିଲେ। କିନ୍ତୁ କଟକ ମେଡିକାଲରେ ଆଗରୁ ବହୁତ ରୋଗୀ ଅପରେଶନ ପାଇଁ ଥିବାରୁ ତାଙ୍କୁ ବେସରକାରୀ ହସ୍ପିଟାଲରେ ଅପରେଶନ କରିବା ପାଇଁ ଡାକ୍ତର କହିଥିଲେ। ବେସରକାରୀ ହସ୍ପିଟାଲରେ ୩ ଲକ୍ଷ ଟଙ୍କା ଦରକାର ପଡ଼ିଥିଲା। ହେଲେ ପାଖରେ ଅର୍ଥ ସାମର୍ଥ୍ୟ ନ ଥିବାରୁ ଅଶୋକ ସିଙ୍ଗିପୁର ଫେରି ଆସିଥିଲେ। ଗ୍ରାମର ଭାଜପା ପୂର୍ବତନ ମଣ୍ଡଳ ସଭାପତିଙ୍କୁ ଗୁହାରି କରିବାରୁ ସେମାନେ ଧରାକୋଟ ଗ୍ରାମର ବରିଷ୍ଠ ଭାଜପା ନେତା ଇଂ ପ୍ରଦୀପ କୁମାର ପତ୍ରୀଙ୍କ ସହିତ ଯୋଗାଯୋଗ କରିଥିଲେ। ପତ୍ରୀ ଭୁବନେଶ୍ୱରର ଏକ ହସ୍ପିଟାଲରେ ଯୋଗାଯୋଗ କରି ଅଶୋକଙ୍କ ତିନି ତିନି ଥର ଅସ୍ତ୍ରୋପଚାର କରାଇଥିଲେ। ଭାଜପା ନେତା ପତ୍ରୀ ରକ୍ତ ଯୋଗାଡ଼ଠୁ ଆରମ୍ଭ କରି ସବୁ ପ୍ରକାର ସହଯୋଗ କରିଥିଲେ। ଏହା ପୂର୍ବରୁ ମଧ ପତ୍ରୀ ବହୁ ରୋଗୀଙ୍କୁ ସହଯୋଗ କରିଥିବାରୁ ସିଂଗିପୁର ଗ୍ରାମ ତରଫରୁ ତାଙ୍କୁ ଧନ୍ୟବାଦ ଦିଆଯାଇଛି।

## ନଦୀମୁଠା ଅଞ୍ଚଳର ମୌଳିକ ସମସ୍ୟା ସମାଧାନ ଦାବି

ଆର.ଉଦୟଗିରି,୨୧।୧୦ (ଡି.ଏନ.ଏ.)

ନୂଆଗଡ଼ ବ୍ଲକ ସମ୍ବଲପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନଦୀମୁଠା ଅଞ୍ଚଳ ବିକାଶ ସମିତିର ଏକ ଜରୁରୀ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ୬ ପଞ୍ଚାୟତ ତଥା ପରିମଳ, ସମ୍ବଲପୁର, ଉଦୟପୁର, ସୁନ୍ଦରଡାଙ୍ଗ, ଅନୁଗୁରୁ ଓ କିରାମା ପଞ୍ଚାୟତର ପିଆର୍‌ଆଇ ମେମ୍ବର ଓ ବୁଦ୍ଧିଜୀବୀମାନଙ୍କ ଉପସ୍ଥିତିରେ ଅଞ୍ଚଳର ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ସରକାରଙ୍କୁ ସ୍ମାରକପତ୍ର ଦେବା ନିମନ୍ତେ ପ୍ରସ୍ତୁତି ଓ ଆଲୋଚନା ହୋଇଯାଇଛି। ଏହି ୬ଟି ଅଞ୍ଚଳରେ ମେଡିକାଲ ସୁବିଧା ନ ଥିବାରୁ ଲୋକଙ୍କ ଦେହ ଖରାପ ହେଲେ ଏଠାରୁ ୫୦ କିଲୋମିଟର ଦୂରରେ ଥିବା ଆର.ଉଦୟଗିରି ଏବଂ ବି.ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଉଥିବା ସମୟରେ କିଛି ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ପ୍ରତିନିଧିମାନଙ୍କୁ ବହୁବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ତେଣୁ ଏହି ବୈଠକର ନିଷ୍ପତ୍ତି ଅନୁସାରେ ଅଞ୍ଚଳ ବିକାଶ ସମିତିର ଏକ ନୂତନ କମିଟି ଗଠନ କରି ଚଳିତ ମାସ ୨୮ ତାରିଖରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ ପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଶାସନ ଏହାର ସ୍ଥାୟୀ ଓ ଶୀଘ୍ର ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ସହ ଭୋଟ ବର୍ଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଅନୁଗୁରୁ ସରପଞ୍ଚ ଯାକୁବ ମାଝୀ ସଭାପତିତ୍ୱ କରିଥିବା ବେଳେ ସମ୍ବଲପୁର ସରପଞ୍ଚ ଜଗନ୍ନାଥ ଗମାଙ୍ଗ ଏବଂ ବଡ଼ପଦା ସମିତିସଭ୍ୟ ପ୍ରେମା ମାଝୀ ପରିଚାଳନା କରିଥିଲେ।

# ମାଡ଼ ମାରି ଚାଳକଙ୍କଠାରୁ ବାଇକ୍, ଟଙ୍କା ଲୁଟ୍

ଦିଗପହଣ୍ଡି,୨୧।୧୦(ଡି.ଏନ.ଏ.)

ଦିଗପହଣ୍ଡି ଥାନା ନୂଆ ଦ୍ୱାରଗାଁ ଛକ ନିକଟରେ ଜଣେ ବାଇକ୍ ଚାଳକଙ୍କୁ ଦୁର୍ବୃତ୍ତମାନେ ନିସ୍ଥୁକ ମାଡମାରି ତାଙ୍କ ବାଇକ, ମୋବାଇଲ ସମେତ ୩୪୦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଛନ୍ତି ଦିଗପହଣ୍ଡି ବ୍ଲକ ନନ୍ଦଗାଁର ପ୍ରଶାନ୍ତ ଗୌଡ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବୁଧବାର କୁମାର ପୂର୍ଣ୍ଣିମା ଅବସରରେ ଚକାଡେଣ୍ଡୁଲିରେ ଭାଗବତ ସତସଙ୍ଗ କାର୍ଯ୍ୟକ୍ରମ ଚାଲିଥିଲା। ବିଳମ୍ବିତ ରାତିରେ କାର୍ଯ୍ୟକ୍ରମ ସରିଲାପରେ ପ୍ରଶାନ୍ତ, ନୀଳାଚଳ ପାଣିଗ୍ରାହୀ ଏବଂ ଶତ୍ରୁଘ୍ନ ସେଠୀ ତିନି ମିଶି ଗୋଟିଏ ବାଇକରେ ଫେରୁଥିବା ବେଳେ ଦ୍ୱାରଗାଁ ନିକଟରେ ଅନ୍ୟ ୩ ଟି ବାଇକରେ ପ୍ରାୟ ୯ ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ପ୍ରଶାନ୍ତଙ୍କ ବାଇକ୍‌କୁ ଅଟକାଇ ସଂଘବଦ୍ଧ ଭାବେ ସେମାନଙ୍କୁ ମାଡ ମାରି ଲୁଟି ନେଇଥିଲେ। ଏ ନେଇ ନଂ.୨୭୬/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# କୃଷିରେ କୃଷକର ଭୂମିକା ଉପରେ କର୍ମଶାଳା

ଫୁଲବାଣୀ ଅଫିସ, ୨୧।୧୦

ପାଣି ପାଗ ପରିବର୍ତ୍ତନର ପ୍ରତିକୂଳ ପରିସ୍ଥିତିକୁ ଏଡାଇ ଚିରନ୍ତନ କୃଷିର ସୁଯୋଗ ସୃଷ୍ଟି କରିବା ନେଇ ଗୁରୁବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଏକ ଦିନିକିଆ କର୍ମଶାଳା ବନ୍ଧଗଡ ସ୍ଥିତ ସମ୍ବଳ କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ଏଥିରେ ରାଇକିଆ, କ.ନୂଆଗାଁ, ଟିକାବାଲି, ତୁମୁଡିବନ୍ଧ ଓ ଫିରିଙ୍ଗିଆ ବ୍ଲକର ୫୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଜଳ ବାୟୁ ପରିବର୍ତ୍ତନର ପ୍ରଭାବ କିପରି କୃଷି ଓ କୃଷକକୁ ପ୍ରଭାବିତ କରୁଛି ତାହା ଉପସ୍ଥାପନା କରିଥିଲେ। ପ୍ରାକ୍ଟିକାଲ ଆକ୍ସନ ସଂସ୍ଥାର ରବିଶଙ୍କର ବେହେରା କନ୍ଧମାଳ ଜିଲାର କୃଷି ଜଳ ବାୟୁ ପରିବର୍ତ୍ତନର କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ଯଦି ପାରମ୍ପରିକ କୃଷିକୁ ନୂତନ ପ୍ରଣାଳୀରେ କରାଯାଇ ପାରିବ, ଆଗାମୀ ଦିନରେ କୃଷି ଓ କୃଷକର ସମ୍ଭାବ୍ୟ କ୍ଷତିକୁ କିଛି ପରିମାଣରେ ଏଡାଇ ଦେଇ ହେବ ବୋଲି ଚାଷୀଙ୍କୁ ଅବଗତ କରାଯାଇଥିଲା। ସ୍ୱାତୀର ବରିଷ୍ଠ କର୍ମୀ ଗିରିସ ଚନ୍ଦ୍ର ସାମଲ ଓ ପ୍ରଦୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ହୃଶିକେଷ ଆମାୟତ, କୁସ ସାନଶେଠ୍ , ଗୁପ୍ତେଶ୍ୱର ବଡସେଠ୍ ପରିଚାଳନାରେ ସହଯୋଗ କରିଥିଲେ ।

# ବିଭିନ୍ନ ସ୍ଥାନରେ ପୋଲିସ ଶହୀଦ ଦିବସ

ଛତ୍ରପୁର/ପାରଳାଖେମୁଣ୍ଡି(ଡି.ଏନ.ଏ.)/ଫୁଲବାଣୀ ଅଫିସ୍,୨୧ ।୧୦



ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

ଗଞ୍ଜାମ ପୋଲିସ ଜିଲାରେ ଗୁରୁବାର ପୋଲିସ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଇଛି। ଛତ୍ରପୁର ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ପରେଡ୍‌ରେ ଏସ୍‌ପି ବିଗ୍ରେଶ କୁମାର ରଏ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ଚଳିତ ବର୍ଷ ଦେଶ ମାତୃକାର ସେବାପାଇଁ ପ୍ରାଣବଳି ଦେଇଥିବା ୩୯୯ ପୋଲିସ କର୍ମଚାରୀଙ୍କ ନାମ ପାଠ କରିଥିଲେ। ସେଥିରୁ ଓଡ଼ିଶାର ୨୬ ଶହୀଦ ହୋଇଛନ୍ତି। ୧୯୫୯ ଅକ୍ଟୋବର ୨୧ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର କେତେକ ଯବାନ ତିବ୍ବତିଆନ୍ ସୀମାରେଖାରେ ପାଟ୍ରୋଲିଂ କରୁଥିବା ସମୟରେ ଚାଇନା ସେନାଙ୍କ ଆକ୍ରମଣରେ ୧୦ ଯବାନ ଶହୀଦ ହୋଇଥିଲେ। ସେହି ବର୍ଷଠାରୁ ପୋଲିସ ବିଭାଗରେ କାର୍ଯ୍ୟରତ ଥିବା ଅବସ୍ଥାରେ, କର୍ତ୍ତବ୍ୟ କରୁଥିବା ସମୟରେ ବଳିଦାନ ଦେଉଥିବା ପୋଲିସ କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ ହୋଇ ଆସୁଛି। ଏମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ଆସିଥିବା ବାର୍ତ୍ତା ଏସ୍‌ପି ପାଠ କରିଥିଲେ। କାର୍ଯ୍ୟକ୍ରମରେ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ବିଜୟ କୁମାର ମଲ୍ଲିକ, ରମେଶ ଚନ୍ଦ୍ର ସେଠୀ, ପ୍ରଶାନ୍ତ କୁମାର ଦଳେଇ, ଡିଏସ୍‌ପି ଅଜୟ କୁମାର ମିଶ୍ର, ସୀମା ସ୍ୱାଇଁ, ଏସ୍.ଏସ୍. ମହାପାତ୍ର, ନମିତା ନାୟକ, ଏସ୍‌ଡିପିଓ ଗୌତମ କିଷାନ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ସର୍ଜେଣ୍ଟ ସଞ୍ଜୟ କୁମାର ବାରିକ, ବିବେକାନନ୍ଦ ନାୟକ, ଛତ୍ରପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ, ଏ.ରାବଣା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡି ସହର ନିକଟସ୍ଥ ବେତାଗୁଡ଼ା ସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଶହୀଦ ସ୍ମୃତି ଚାରଣ ଦିବସ ପରେଡ-୨୦୨୧ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଗଜପତି ଆରକ୍ଷୀ ଅଧକ୍ଷକ ତଥା ଏସ୍‌ପି ଜୟରାମ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଯୋଗ ଦେଇଥିଲେ। ଫୁଲବାଣୀ ପୋଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ଭିନୀତ ଅଗ୍ରୱାଲ ଯୋଗଦେଇ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ୨୦୧୨ରେ ମାଓବାଦୀଙ୍କ ଦ୍ୱାରା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା କନ୍ଧମାଳର ପୋଲସର ସୁନାଶୀର ମହାନ୍ତି, ଉମାକାନ୍ତ ଜାନୀ ଓ ସଂଗ୍ରାମ କୁମାର ଲେଙ୍କାଙ୍କ ସମେତ କୋଭିଡ ଯୋଦ୍ଧା ମହାଜନ ପ୍ରଧାନ, ସୁବାଷ ଚନ୍ଦ୍ର ସାହୁ, ଜନେଶ କୁମାର ନାୟକ, ବାଳି କହଁର ଓ ଜାଲେଙ୍ଗା ମଲିକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରା ଯାଇଥିଲା। କାର୍ଯ୍ୟକ୍ରମକୁ ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

# ଶହୀଦ ସ୍ମୃତି କ୍ରିକେଟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଖେଳାଳି ।

ଫୁଲବାଣୀ ଅଫିସ,୨୧।୧୦

ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ପ୍ରାଣବଳୀ ଦେଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଜିଲା ପାଲିସ ପକ୍ଷରୁ ଗୁରୁବାର ଶହୀଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚରେ ଏସ୍‌ଓଜି ଟିମ୍ ଓ ଜିଲା କ୍ରୀଡ଼ା ସଂସଦ ଟିମ୍‌କୁ ହରାଇଛି। ଦ୍ୱିତୀୟ ମ୍ୟାଚରେ ଖଜୁରୀପଡ଼ା ଦଳ ଫିରିଙ୍ଗିଆକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇଛି। ଏସ୍‌ପି ଭୀନିତ ଅଗ୍ରୱାଲ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୩୧ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି କୋଭିଡ୍‌ରେ ପ୍ରାଣ ହରାଇଥିବା ସାମ୍ବାଦିକ ତାରିଣୀ କୁମାର ପାଢୀ ଓ ଆଶୁତୋଷ ବେହେରାଙ୍କ ସ୍ମୃତିରେ ଆଗାମୀ ୩୦ରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ହେବ।

